# Akashvani, Sambalpur

## SAMBALPURI NEWS EVENING BULLETIN

## 9 April 2026-7.02- 7.12 pm.

---

୧- ରାଜ୍ୟବାସୀଙ୍କୁ ୨୪ ଘଂଟିଆ ଗୁଣାତ୍ମକ ବିଜ୍ଲି ସେବା ଯୁଗେଇ ଦେବାର୍ ଲାଗି ପଦକ୍ଷେପ୍ ନଉଛନ୍ ସର୍କାର୍-କହେଲେ ମୁଖ୍ୟମନ୍ତ୍ରୀ ।

- ବାଲିଅନ୍ତା ନ ୬ ଶହ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୩ ଟା ଗ୍ରୀଡ୍ ସବ୍ଷ୍ଟେସନ୍ ଆଉ ୮ ଟା ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ୍ ଲାଇନ୍‌ର କଲେ ଲୋକାର୍ପଣ୍ ।

୨- ରାଏଜେ ୫ ହଜାର୍ ମିଶନ୍ ଶକ୍ତି ମହିଳାମାନ୍‌କର ଲାଗି ଆତ୍ମରକ୍ଷା ପ୍ରଶିକ୍ଷଣ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ।

୩- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ବସ୍‌ବା ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନ୍‌ସିପ୍‌ର ୧୪ ବଛର୍‌ନୁ କମ୍ ବର୍ଗର୍ ପ୍ରତିଯୋଗିତା ହେଲା ମୁଲ୍ ।

ମୁଖ୍ୟମନ୍ତ୍ରୀ- ବିଜ୍‌ଲି ସେବା ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟବାସୀଙ୍କୁ ୨୪ ଘଂଟିଆ ଗୁଣାତ୍ମକ ବିଜ୍‌ଲି ସେବା ଯୁଗେଇ ଦେବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଠାନେ ଆଏଜ୍ ୩ ଟା ଗ୍ରୀଡ୍ ସବ୍ ଷ୍ଟେସନ୍ ଆଉ ୮ ଟା ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ୍ ଲାଇନ୍‌ର ଲୋକାର୍ପଣ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ୬ ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଇ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇକରି ଭୁବ୍‌ନେଶ୍ୱର୍ ନ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର୍ ସମ୍ପ୍ରସାରଣ୍ କରାଯାଇଛେ । ପ୍ରକଳ୍ପ ସବୁ କାର୍ଯ୍ୟକାରୀ କର୍‌ବାର୍ ଉତ୍‌ରୁ ରାଜ୍‌ଧାନୀ ଆଉ ତାର୍ ଆଖର୍‌ପାଖର୍ ଅଂଚଲ୍‌ର ୨୨ ଲାଖ୍ ବିଦ୍ୟୁତ୍ ଉପଭୋକ୍ତା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ଦେଶର୍ ସବୁ ଘର୍‌କେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୁଗାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ

ଜୋର୍ ଦେଇ ଆସୁଛନ୍ । ଆଏବା ଦିନେ ଭୁବ୍‌ନେଶ୍ୱର୍ ନ ସବୁନୁ ବଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍ ଥାପ୍‌ନା କରାଯିବା । ଗୁଟେ ବଛ୍‌ରେ ରାଜ୍‌ଧାନୀ ଲାଗି ୪ ଟା ଗ୍ରୀନ୍ ସବ୍‌ଷ୍ଟେସନ୍ କାମ୍ ପୁରା କରାଯାଇଛେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର୍ ସମ୍ପ୍ରସାରଣ୍ ବାବ୍‌ଦେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଉପମୁଖ୍ୟମନ୍ତ୍ରୀ-ଏସ୍‌ଏଚ୍‌ଜି ମହିଳା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନ୍‌କୁ ସୁରକ୍ଷିତ୍ ଆଉ ସଶକ୍ତ କର୍‌ବାର୍ ଲକ୍ଷ୍ୟଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱର୍ ଠାନେ ଆଏଜ୍ ପହେଲାଥର୍ ଲାଗି ମିଶନ୍ ଶକ୍ତି ମହିଳାମାନ୍‌କର୍ ଲାଗି ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଖୋର୍ଦ୍ଧା, କଟକ୍, ପୁରୀ,

କେନ୍ଦୁଝର୍ ଆଉ ଗଞ୍ଜାମ୍ ଜିଲ୍ଲାର୍ ୫ ହଜାର୍ ଏସ୍ଏଚ୍ଜି ସଦସ୍ୟ ଇଥି ତାଲିମ୍ ନେବେ । କାର୍ଯ୍ୟକ୍ରମ୍‌ଥି ଜାତୀୟ ମହିଲା କମିଶନ୍ ଅଧକ୍ଷା ବିଜୟା କିଶୋର୍ ରାହତ୍‌କର୍, ରାଜ୍ୟ ମହିଲା କମିଶନ୍ ଅଧକ୍ଷା ଶୋଭ୍‌ନା ମହାନ୍ତିଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ମହିଲା ସଶକ୍ତିକରଣ୍‌ରେ ଗୁରୁତ୍ୱ ବାବ୍‌ଦେ କହିଥିଲେ ।

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍-ସମୀକ୍ଷା ବୈଠକ ହି.ସ.

ଗ୍ରାମ୍ୟ ଉନ୍ନୟନ୍ ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାୟକଙ୍କର୍ ଅଧକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ସର୍ବୋଚ୍ଚ ଯନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ରେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୨୦୨୫-୨୬ ବଛ୍‌ରର୍ କାମ୍‌କାଜ୍‌ର ସଫଳତା ଆଉ ୨୦୨୬-୨୭ ବଛର୍ ଲାଗି ନୂଆଁ ରୋଡ୍‌ମେପ୍ ପ୍ରସ୍ତୁତ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟସଡ଼କ୍ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍‌ଥି ଓଡ଼ିଶା ଦେଶେ ୮ ନମ୍ବର୍ ଠାନେ ଥିବାର୍ ବେଳେ ନୂଆଁ ଜ୍ଞାନ୍ କୌଶଲ୍ ଆଉ ଦରବ୍‌ର ବେଭାର୍

କରିକରି ଓଡ଼ିଶା ସାରାଦେଶେ ପହେଲାଠାନେ ରହିଛେ । ଇଥିର୍‌ଲାଗି ମନ୍ତ୍ରୀ ଶ୍ରୀ ନାଏକ୍ ସବୁ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ଅଭିନନ୍ଦନ୍ ଜନେଇଥିଲେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା ଆଉ ଅଲ୍‌ଗା ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଛେ ।

ସ୍ମାର୍ଟ ସିଟି- ଅନ୍ତର୍ଜାତୀୟ ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ଆଉ ଶନିବାର୍ ଦିନ ଡାଟା ସାଇନ୍ସ ଆଉ ସ୍ମାର୍ଟ ସିଷ୍ଟମ୍ ଉପ୍‌ରେ ଅନ୍ତର୍ଜାତୀୟ ସମ୍ମିଲନୀ ହେବା । ଗଣେଶ୍ ଇଞ୍ଜିନିୟରିଂ ଆଉ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ୍ ନ ହେବାର୍‌କେ ଥିବା ସମ୍ମିଳନୀଥି ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ସାଉଦିଆରବ୍, ପୋଲାଣ୍ଡ ଆଉ ପର୍ତୁଗାଲ ବାଗିର୍ ଭିନ୍ ଭିନ୍ ଦେଶର୍ ଶିକ୍ଷାବିତ୍ ଆଉ ଗବେଷକ ଭାଗ୍ ନେବେ ।

ଶୁଭା ଶର୍ମା-ସମୀକ୍ଷା ବୈଠକ୍ ଆଇ.ଆଣ୍ଡ.ପି.ଆର୍

ରାଜ୍ୟ ଉଠା ଜଲ୍‌ସେଚନ୍ ନିଗମ୍‌ର କାମ୍‌କାଜ୍‌କେ ନେଇକରି ଆଏଜ୍ ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରବି ଆଉ ଖରିଫ୍ ଋତୁଥି ପର୍ଯ୍ୟାପ୍ତ ଜଲ୍‌ସେଚନ୍ ନିଶ୍ଚିତ କର୍‌ବାର୍, ନଶିଯାଇଥିବା ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଆଉ ନଲ୍‌କୂଅାଁ ମାନ୍‌କର୍ ପୁନରୁଦ୍ଧାର୍ ଆଉ ୨୦୨୬-୨୭ ବଜେଟ୍ ଅନୁଦାନ୍ ର ସଠିକ୍ ବେଭାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ପ୍ରକଳ୍ପମାନ୍‌କର୍ ଅଗ୍ରଗତିର ନିରୀକ୍ଷଣ୍ ଲାଗି ଗୁଟେ ଅନ୍‌ଲାଇନ୍ ଡାଟାବେସ୍ ତିଆର୍ କର୍‌ବାର୍‌କେ ଭିଲ୍ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ୍ କମିଶନ/ଦେବ୍‌ଗଡ଼୍ ସମ୍ବାଦଦାତା

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ୍ କମିଶନ୍ ର ସଦସ୍ୟ ସତ୍ୟବ୍ରତ ସାମନ୍ତରାୟ ଆଉ ଅକ୍ଷୟ କୁମାର୍ ବେହେରା ଆଏଜ୍ ଦେବ୍‌ଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ଖାଦ୍ୟ ସୁରକ୍ଷା ନିୟମ୍-୨୦୨୦ ଆଉ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ସଂଶୋଧନ୍ ନିୟମ୍ -୨୦୨୨ ର ବ୍ୟବସ୍ଥା ମାନ୍‌କର୍ ସମୀକ୍ଷା କରିଛନ୍ । ଇ

ଅବ୍‌ସରେ ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଲୟ ଆଉ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ୍ କରିକରି ସଦସ୍ୟମାନେ ସେନ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ୍‌ର ସମୀକ୍ଷା କରିଛନ୍ ।

ପୋଷଣ ପକ୍ଷ ମୁଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଲୟ ତର୍‌ଫୁ ଆଏଜ୍ ଠାନୁ ସାରା ଦେଶେ ପୋଷଣ୍ ପକ୍ଷର ୮ ନମ୍ବର୍ ସଂସ୍କରଣ୍ ମୁଲ୍ ହେଉଛେ । ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ଆୟୋଜିତ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଉ ମହିଳା ଆଉ ଶିଶୁବିକାଶ୍ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର୍ ଉପସ୍ଥିତ୍ ରହିକରି ପୋଷଣ୍ ପଖ୍‌ୱାଡ଼ା-୨୦୨୬ର ଶୁଭାରମ୍ଭ କର୍‌ବେ । ଇ ଅଭିଯାନ୍ ଆଏବା ୨୩ ତାରିଖ୍‌ତକ୍ ଚାଲ୍‌ବା ।

ରାଜ୍ୟ କେବିନେଟ୍ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏବା କାଏଲ୍ ସକାଲ୍‌ବେଲା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍

ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ହେବା । ବୈଠକ୍‌ଥି ପୂର୍ତ, ପଂଚାୟତିରାଜ୍, ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ୍ ଆଉ ଉଚ୍ଚଶିକ୍ଷା ବିଭାଗ୍ ର ୬ ନୁ ୭ ଟା ନିଷ୍ପତିକେ ଅନୁମୋଦନ୍ କରାଯିବାର୍ ସମ୍ଭାବନା ରହିଛେ ।

ଓଡ଼ିଆ ପକ୍ଷ ବରଗଡ଼୍/ ଦେବ୍‌ଗଡ଼୍/ କଲାହାଣ୍ଡି/ ସୁବର୍ଣ୍ଣପୁର

ଓଡ଼ିଆ ପକ୍ଷ -୨୦୨୬ ପାଲନ୍‌ର ୯ ନମ୍ବର୍ ଦିନେ ଆଏଜ୍ ବହିଘିନା ଅଭିଯାନ୍‌ର ଆୟୋଜନ୍ କରାଯାଉଛେ । ବହିର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ବହି ଘିନ୍‌ବାର୍ ଆର୍ ପଢ଼୍‌ବାର୍ ଅଭ୍ୟାସ୍‌କେ ଜାରି ରଖିବାର୍‌କେ ଯୁଆନ୍ ପିଢ଼ିକେ ତହଁକାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ନିଜେ ବହି ଘିନିକରି ଅଲ୍‌ଗାମାନ୍‌କୁ ଭିଲ୍ ବହି ଘିନ୍‌ବାର୍ ଲାଗି ସଚେତନ୍ କର୍‌ବାର୍ ସହେତେ ଇ ଅଭିଯାନ୍‌କେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ଲେଖକ୍ ଆଉ ପାଠକ୍‌ମାନ୍‌କର୍ ସମ୍ପର୍କକେ ଅଏତ୍‌କା ଗହୀର୍ କର୍‌ବାର୍ ସହେତେ

ବହି ପଢ଼୍‌ବାର୍ ଲାଗି ଆଗ୍ରହ ବଢ଼ାବାର୍ ଉଦ୍ଦେଶ୍ୟଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବହିଘିନା ଅଭିଯାନ୍ ପାଳନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ରଘୁନାଥ ଜଗ୍‌ଦଲା ଯୋଗ୍‌ଦେଇକରି ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ । କଳାହାଣ୍ଡି ଜିଲ୍ଲା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନ ଆୟୋଜିତ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ପାୱାର୍ ସଚିନ୍ ପ୍ରକାଶ୍ ଆଉ ନୂଆଁ ନିଯୁକ୍ତି ପାଇଥିବା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ପୱନ୍ କୁମାର୍ ଅଗ୍ରୱାଲ୍ ଯୋଗ୍ ଦେଇଥିଲେ ।

ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପାଠାଗାର୍ ନ ବହିଘିନା ଅଭିଯାନ୍ ହେଇଯାଇଛେ । ଇତାର୍‌ଛଡ଼ା ଜିଲ୍ଲାର୍ ଭିନ୍ ଭିନ୍ ମହାବିଦ୍ୟାଳୟମାନ୍‌କେ ଭିଲ୍ ଇ ଅଭିଯାନ୍ କରାଯାଇଛେ ।

ବରଗଡ଼୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜନସାଧାରଣ୍ ଆଉ ଜିଲ୍ଲା ପାଠାଗାର୍‌ର ସବୁ ପାଠକପାଠିକା ଯୋଗ୍‌ଦେଇକରି ଓଡ଼ିଆ ବହି ପଢ଼୍‌ବାର୍ ଆଉ ଘିନ୍‌ବାର୍ ଲାଗି ସଚେତନ୍ ହେବାର୍‌କେ ଶପଥ୍ ପାଠ୍ କରିଥିଲେ ।

ଦେବ୍ଗଡ଼୍ ଜିଲ୍ଲା ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ ।

ଓଏସ୍ଏସ୍ଟିଇଟି ରିଜଲ୍ଟ        ହି.ସ.

ମାଧ୍ୟମିକ ଶିକ୍ଷା ପରିଷଦ୍- ବି.ଏସ୍.ଇ ତର୍ଫୁ ପରିଚାଳିତ୍ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍ ଓ.ଏସ୍.ଏସ୍.ଟି.ଇ.ଟି. ୨୦୨୫ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ପହେଲା ଆଉ ୨ ନମ୍ବର୍ ପେପର୍ ପରୀକ୍ଷାଥି ୫୬ ହଜାର୍ ୪ ଶହ ୫୬ ଝନ୍ ପରୀକ୍ଷା ଦେଇଥିବାର୍ ବେଲେ ୭୨ ଦଶ୍ମିକ୍ ୩/୮ ପ୍ରତିଶତ୍ ଛାତ୍ରଛାତ୍ରୀ ପାସ୍ କରିଥିବାର୍ ଜନାପଡ଼ିଛେ । ଉପର୍ବେଲା ୪ ବଜେନୁ bseodisha.ac.in ଥି ପରୀକ୍ଷାଫଲ୍ ଜନାପଡ଼ିଛେ । ପାସ୍ ନାଇଁ କରିଥିବା ଛାତ୍ରଛାତ୍ରୀ ଓଏମ୍ଆର୍ ସିଟ୍ ଡାଉନ୍ଲୋଡ୍ କରିପାର୍ବେ ବଲି ବି.ଏସ୍.ଇ ତର୍ଫୁ କୁହାଯାଇଛେ । ଗଲା ଜାନୁଆରୀ ମାସ ୨୧ ତାରିଖ୍ ଦିନ ଇ ପରୀକ୍ଷା ହେଇଥିଲା ।

ପୁରୀ ରତ୍ନଭଣ୍ଡାର୍ ଗନ୍ତି ମନ୍ତି        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ବାହାର ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ଆଏଜ୍ ଭିଲ୍ ଜାରି ରହିଥିଲା । ସଖାଳ ଧୂପନୀତି ଉତ୍‌ରୁ ଇ କାମ୍ ମୁଲ୍ ହେଇଥିଲା । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ସହେତେ ପୁରୀ ଜିଲ୍ଲାପାଲ୍ ଆରକ୍ଷୀ ଅଧିକ୍ଷକ୍, ସେବାୟତ ପ୍ରତିନିଧି ଗନ୍‌ତିମନ୍‌ତିଥି ସାମିଲ୍ ହେଇଛନ୍ । ଗଲାକାଏଲ୍‌ନୁ ଇ ପ୍ରକ୍ରିୟା ଫେର୍‌ଘାଏ ମୁଲ୍ ହେଇଥିଲା । ପାଖାପାଖି ୬ ଘଂଟା ଧରିକରି ଗଲାକାଏଲ୍ ଇ କାମ୍ କରାଯାଇଥିବାର୍ ବେଲେ ଆଏଜ୍ ଭିଲ୍ ଶୃଙ୍ଖଲାର୍ ସହେତେ କରାଯାଇଛେ । ଗଜପତି ମହାରାଜ୍ ଦିବ୍ୟସିଂହ ଦେବ ଗଲାକାଏଲ୍ ଉପର୍‌ବେଲା ଶ୍ରୀମନ୍ଦିର୍ ନ ପହଁଚିକରି ଗନ୍‌ତିମନ୍‌ତି କାମ୍‌ର ଅନୁଧ୍ୟାନ୍ କରିଥିଲେ ।

ଉଷା ପାଢ଼ୀ- ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସହର୍ ନ ଥିବା ବସ୍ତିମାନ୍‌କୁ ହଟାଯାଇକରି ସେମାନ୍‌କର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ସହରୀ ଆବାସ ଯୋଜ୍‌ନାଥି ଫ୍ଲାଟ୍ ତିଆର୍ କରାଯିବା । ୪ ମହଲା ଥିବା ଇ ଫ୍ଲାଟ୍ ତିଆର୍ କରାଯାଇକରି ସହରର୍ ଠେଲ୍‌କୋପଡ଼ା ବାସୀଙ୍କୁ ସେନ ଥଇଥାନ୍

କରାଯିବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ଗସ୍ତଥି ଆସିକରି ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଜାଗା ବୁଲ୍‌ବାର୍ ସହେତେ ସେନ ସମୀକ୍ଷା କରିଛନ୍ । ଇତାର୍‌ସହେତେ ମୁଦିପଡ଼ା ବନ୍ଧ୍ ଆର୍ ବୁର୍ଲା ଅଟଳ ପାର୍କ ଇଲାକା ଭିଲ୍ ଶ୍ରୀମତୀ ପାଢ଼ୀ ପରିଦର୍ଶନ୍ କରିଛନ୍ । ସମ୍ବଲ୍‌ପୁର୍ ସହର୍ ଗୁଟେ ପୁର୍‌ନା ସହର୍ । ଇତାର୍ କେନ୍ତାକରି ବିକାଶ୍ କରାଯିବା ସେ ବାବ୍‌ଦେ ଶ୍ରୀମତୀ ପାଢ଼ୀ ସମୀକ୍ଷା କରିଛନ୍ ।

ରଗ୍‌ବୀ ଚାମ୍ପିଅନ୍‌ସିପ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ୬୯ ନମ୍ବର୍ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନ୍‌ସିପ୍‌ର ୧୪ ବଛର୍‌ନୁ କମ୍ ବର୍ଗର୍ ପ୍ରତିଯୋଗିତା ମୁଲ୍ ହେଇଛେ । ଦେଶର୍ ୧୪ ଟା ରାଜ୍ୟନୁ ୩ ଶହ ନୁ ଅଏତ୍‌କା ପିଲାଟୁକେଲ୍ ଇଥି ଭାଗ୍ ନଉଛନ୍ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର କମିଶନର୍ ଆଉ ଶାସନ ସଚିବ ଡକ୍ଟର୍ ଏନ୍.ତିରୁମାଲା ନାୟକ୍ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଭଲ୍ ପ୍ରଦର୍ଶନ୍ ଲାଗି ଆହ୍ୱାନ୍ ଦେଇଛନ୍ ।